# ନିଲାମ ବିଜ୍ଞପ୍ତି

ପୋଲିସ୍ ଉପଆୟୁକ୍ତ, କଟକ ସିଦ୍ଧେଶ୍ବରପୁର ଫାୟାରିଂ ରେଞ୍ଜ, ନରାଜଠାରେ ଥିବା କାଜୁ ବଗିଚା, ୨୦୨୩ ବର୍ଷରେ ନିଲାମ କରିବା ପାଇଁ ଇଚ୍ଛୁକ ନିଲାମଧାରୀଙ୍କ ଠାରୁ ସାଧା କାଗଜରେ ଦ୍ବିତୀୟ ଥର ଟେଣ୍ଡର ଆହ୍ବାନ କରୁଛନ୍ତି । ଏହି ନିଲାମ ନୋଟିସ୍ ଖବର କାଗଜରେ ବାହାରିବା ପରେ ନିଲାମଧାରୀଙ୍କ ଅବଗତି ନିମନ୍ତେ ଏହା କଟକ ଉପଆୟୁକ୍ତଙ୍କ ନୋଟିସ୍ ବୋର୍ଡ଼ରେ ବିଜ୍ଞପ୍ତି ଦିଆଯିବ । ଇଚ୍ଛୁକ ନିଲାମଧାରୀ ବ୍ୟକ୍ତିମାନେ ଉକ୍ତ କାଜୁ ବଗିଚାକୁ ଯେ କୌଣସି କାର୍ଯ୍ୟ ଦିବସରେ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ପରିଦର୍ଶନ କରିପାରିବେ । ପୋଲିସ୍ ଉପଆୟୁକ୍ତ, ସହରାଞ୍ଚଳ ଜିଲ୍ଲା-କଟକଙ୍କୁ ସମ୍ବୋଧିତ ଜଉମୁଦ ଟେଣ୍ଡର ଲଫାପାକୁ ରିଜର୍ଭ ପୋଲିସ୍ ଲାଇନ, ବକ୍ସିବଜାର, କଟକରେ ଥିବା ଏକ ଜଉମୁଦ ବାକ୍ସରେ ପକାଇବେ । ଇଚ୍ଛୁକ ନିଲାମଧାରୀ ବ୍ୟକ୍ତିମାନଙ୍କୁ ଟ ୫,୦୦୦/- (ଟଙ୍କା) ର ଅମାନତ ଟଙ୍କା ବ୍ୟାଙ୍କ ଡ୍ରାଫ୍ଟ ଜରିଆରେ ଆଡ଼ିସିନାଲ୍ ଡି.ସି.ପି., ଡି.ଡି.ଓ.-୧, ପୋଲିସ୍ କମିଶନରେଟ୍, ଭୁବନେଶ୍ବର-କଟକଙ୍କ ସମକ୍ଷରେ ସଂଲଗ୍ନ କରିବେ, ଯାହା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍, ଟ୍ରେଜେରୀ ଶାଖା, ଭୁବନେଶ୍ବରରେ ପେଠ କରାଯାଇପାରିବ । ଇଚ୍ଛୁକ ନିଲାମଧାରୀ ବ୍ୟକ୍ତିମାନେ ଏହି ଟଙ୍କାର ପରିମାଣ ଅକ୍ଷରରେ ଏବଂ ସଂଖ୍ୟାରେ କାଜୁ ବଗିଚା ନିଲାମ୍ ସକାଶେ ବୋଲି ଉଲ୍ଲେଖ କରିବେ । ନିଲାମ ଟଙ୍କାର ପରିମାଣ ସଂଖ୍ୟାରେ ଓ ଅକ୍ଷରରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ପ୍ରାର୍ଥୀଙ୍କ ନିଲାମ ଖାରଜ ହୋଇଯିବ । ଟେଣ୍ଡର କାଗଜ ଜଉମୁଦ ଟେଣ୍ଡର ଗୁଡ଼ିକ ଆସନ୍ତା ତା. **୧୩.୦୩.୨୦୨୩** ରିଖ ଅପରାହ୍ନ **୫ (ପାଞ୍ଚ)** ଘଟିକା ସୁଦ୍ଧା ଗ୍ରହଣ କରାଯିବ। ଏବଂ ଆସନ୍ତା ତା. **୧୪.୦୩.୨୦୨୩** ରିଖ ଅପରାହ୍ନ **୨ (ଦୁଇ)** ଘଟିକା ସମୟରେ କଟକ ରିଜର୍ଭ ଅଫିସ୍‌ରେ ଟେଣ୍ଡର ପକାଇଥିବା ବ୍ୟକ୍ତି କିମ୍ବା ତାଙ୍କର Agent ମାନଙ୍କ ଉପସ୍ଥିତିରେ ଖୋଲାଯିବ । ଯିଏ ସର୍ବାଧିକ ଟେଣ୍ଡର ଡାକିବେ, ତାଙ୍କୁ ସଂଗେ ସଂଗେ ୨୫ ପ୍ରତିଶତ ନଗଦ ଟଙ୍କା ଆକାରରେ ଦାଖଲ ଦେବାକୁ ପଡ଼ିବ ଏବଂ ବାକି ୭୫% ଟଙ୍କା ୭ (ସାତ) ଦିନ ମଧ୍ୟରେ ଦାଖଲ କରିବାକୁ ପଡ଼ିବ । ନଚେତ୍ ଅମାନତ ଟଙ୍କା କୌଣସି କାରଣ ନ ଦର୍ଶାଇ ବାଜେୟାପ୍ତ କରାଯିବ ଏବଂ ତାଙ୍କର ପରବର୍ତ୍ତୀ ସର୍ବୋଚ୍ଚ ଟେଣ୍ଡର ଦାଖଲକାରୀଙ୍କୁ ଆମନ୍ତ୍ରଣ କରାଯିବ । ଏ ସଂକ୍ରାନ୍ତରେ ଆଦେଶ ପ୍ରଦାନ କରିବା ପରେ କାଜୁ ବଗିଚାକୁ ଟେଣ୍ଡର ପାଇଥିବା ବ୍ୟକ୍ତିଙ୍କୁ ହସ୍ତାନ୍ତର କରାଯିବ । ଏଥି ନିମନ୍ତେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ । ଅକୃତ କାର୍ଯ୍ୟ ହୋଇଥିବା ପ୍ରାର୍ଥୀମାନଙ୍କ ଅମାନତ ଟଙ୍କା ଫେରସ୍ତ କରି ଦିଆଯିବ । ଆବଶ୍ୟକ ସ୍ଥଳେ ନିମ୍ନ ସ୍ବାକ୍ଷରକାରୀ କୌଣସି କାରଣ ନ ଦର୍ଶାଇ ଯେ କୌଣସି ନିଲାମ ଗ୍ରହଣ କିମ୍ବା ନାକଚ କରିପାରିବେ । ନିଲାମ ପ୍ରକ୍ରିୟା ସମାପ୍ତ ହେଲାପରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

**(ପିନାକ ମିଶ୍ର, ଭା.ପୁ.ସେ)**

**ଆରକ୍ଷୀ ଉପଆୟୁକ୍ତ, କଟକ**

PRO